ରୂପ ଫୁଟିଉଠେ। ବଳିଦତ୍ତର ପ୍ରାପ୍ତିକୁ ଏକ ବିଡ଼ମ୍ବନା ପ୍ରମାଣ କରେ ନାୟିକାର ଏହି ସ୍ଥିତି ।

ଉପନ୍ୟାସଟି ଖୁବ୍ ଦୀର୍ଘ ନହେଲେ ହେଁ ଏଥିରେ ଅଛନ୍ତି ୯୦ ଜଣରୁ ଅଧିକ ଚରିତ୍ର । ନାୟକ, ନାୟିକା, ପ୍ରତିନାୟକ, ମୁଖ୍ୟ-ଗୌଣ ଚରିତ୍ର, ଗୌଣ-ଗୌଣଚରିତ୍ର ଏମିତିରେ ପାଠକ ପ୍ରାୟ ନବେ ଜଣ ମଣିଷଙ୍କ ଉପସ୍ଥାନ ଉପନ୍ୟାସଟିରେ ପାଏ । ତେବେ କଥାଭାଗର ବିକାଶ ତଥା କଥା ପରିଣତିର ପୁଷ୍ଟି ସାଧନରେ ଓ ମୁଖ୍ୟଚରିତ୍ରର ଚାରିତ୍ରିକତା ପ୍ରକଟରେ ଭୂମିକା ରଖୁଥିବା ଚରିତ୍ର ଗୁଡ଼ିକ ମଧ୍ୟରେ - ମହାପାତ୍ର ବାବୁ, ଏକଣ୍ଟ ରାଓ, ବନୁ ଓରଫ୍ ବନବିହାରୀ, ସଞ୍ଜୁ ଦା, ନନ୍ଦ, ରାଜ (କନ୍‌ଷ୍ଟେବଲ୍), କଲେଜ ଛାତ୍ର, ନିତାଇ, ମିଃ ଶର୍ମା, ରଣଜିତ ବାବୁ, ମିଃ ଶ'ଙ୍କ ସହିତ ହର୍ଷା, ବଡ଼ବାବୁ, ବୀର ବାବୁ, ବସନ୍ତ ବାବୁ, ରାମ ବାବୁଙ୍କ ସ୍ତ୍ରୀ, ଜଲି, ମିଲି ଓ ବିନ୍ଦୁଙ୍କ ନାମ ଉଲ୍ଲେଖନୀୟ । ଲକ୍ଷ୍ୟ କରିପାରିବା - କାହାଣୀଟିଏ କହି ଉପନ୍ୟାସର ଭାବବସ୍ତୁ ସଂପ୍ରେଷଣ ନ କରି ଗୋପୀବାବୁ 'ଦାନାପାଣି' ଉପନ୍ୟାସରେ ଚରିତ୍ରାୟନ ମାର୍ଫତରେ ତାହା କରିଛନ୍ତି । ସଂଖ୍ୟାଧିକ ଚରିତ୍ରଙ୍କ ଚାରିତ୍ରିକତାର ଲେଖକୀୟ ବର୍ଣ୍ଣନା - ଚରିତ୍ରର ଅନ୍ୟ ଚରିତ୍ର ପ୍ରତି ଦୃଷ୍ଟିକୋଣ ଓ ମନ୍ତବ୍ୟ - ଏବଂ ଚରିତ୍ରର ନିଜ ମାନସିକତାର ଆତ୍ମୋଚ୍ଚାରଣ ଜରିଆରେ ଔପନ୍ୟାସିକ ସମୁଦାୟ କଥାବସ୍ତୁ ଉପସ୍ଥାପନାକରି ତା'ର ଭାବବସ୍ତୁର ସବଳିକରଣ କରିଛନ୍ତି।

ଗୋପୀନାଥ ମହାନ୍ତି ଯେ ସାଧାରଣ ଓଡ଼ିଆ ପାଠକମଣିଷର ସେତେ ପରିଚିତ ନୁହନ୍ତି, ଏ କଥା ମଧ୍ୟ ସତ୍ୟ । ଶତାଧିକ ଗଳ୍ପ, କୋଡ଼ିଏରୁ ଊର୍ଦ୍ଧ୍ୱ ଉପନ୍ୟାସ, ଏକାଧିକ ଜୀବନୀ. ଏକାଧିକ ପ୍ରବନ୍ଧ ସଂକଳନ, ଅନେକ ଅନୁବାଦ, ବ୍ୟାକରଣ ଓ ଭାଷାତତ୍ତ୍ୱ ରଚନା ସତ୍ତ୍ୱେ, ସାହିତ୍ୟ ପାଇଁ ଜ୍ଞାନପୀଠ ପୁରସ୍କାର ସମେତ ସମ୍ମାନଜନକ ଆଠଦଶଟି ପୁରସ୍କାର, ଅସଂଖ୍ୟ ସମ୍ବର୍ଦ୍ଧନା, ମାନପତ୍ର, ରାଷ୍ଟ୍ରୀୟ ପଦବୀ, ବିଶ୍ୱବିଦ୍ୟାଳୟ ଉପାଧି ଲାଭ ସତ୍ତ୍ୱେ ସାଧାରଣ ମଣିଷ ପାଇଁ ଗୋପୀନାଥ ମହାନ୍ତି ନାମଟି କାଳିନ୍ଦୀଚରଣ-କାହ୍ନୁଚରଣ-ସୁରେନ୍ଦ୍ର-ନିତ୍ୟାନନ୍ଦଙ୍କ ପରି ଶ୍ରଦ୍ଧାସ୍ମରଣର ନୁହେଁ । ସାଧାରଣ ପାଠକ ତ ଦୂରର କଥା ସାହିତ୍ୟର ଛାତ୍ର-ଅଧ୍ୟାପକ ଓ ସମକାଳୀନ ସାହିତ୍ୟିକମାନେ ସୁଦ୍ଧା ଗୋପୀନାଥଙ୍କୁ ସଂପୂର୍ଣ୍ଣ ପଢ଼ିନାହାନ୍ତି । ଗୋପୀନାଥଙ୍କ ବୃହତ୍ ଓ ତାତ୍ତ୍ୱିକ ରଚନାଗୁଡ଼ିକର କଳେବର ଦେଖି ନିରସ୍ତ ହୋଇଯାଇଛନ୍ତି ସଭିଏଁ । ତେଣୁ ଗୋପୀନାଥ ଯେତେ ପ୍ରତିଭାବାନ୍ ଓ ଯୋଗ୍ୟ ଠିକ୍ ସେତିକି ବହୁପଠିତ ଓ ବିଚାରପ୍ରାପ୍ତ ଲେଖକ ହୋଇପାରିନାହାନ୍ତି ।

ଏ କ୍ଷେଦ ଆମର ନୁହେଁ, ସ୍ୱୟଂ ଲେଖକଙ୍କର ଓ ତାଙ୍କ ସାହିତ୍ୟର ମର୍ମଜ୍ଞ ରସିକମାନଙ୍କର ମଧ୍ୟ । ଓଡ଼ିଆ ପାଠକର ବୋଧମାନ୍ଦ୍ୟତା ଓ ସମୀକ୍ଷକମାନଙ୍କ ଦାୟିତ୍ୱହୀନତା କେବଳ ଗୋପୀନାଥ ନୁହନ୍ତି ଆହୁରି ବହୁତ ପ୍ରତିଭାବାନ ଓଡ଼ିଆ ଲେଖକଙ୍କର ଅବସୋସର କାରଣ । ସଂପ୍ରତି କେତେକ ନିଷ୍ଠାପର ଗବେଷଣା ଗ୍ରନ୍ଥର ପ୍ରକାଶ ଅବଶ୍ୟ ଏ ଦିଗରେ ଆଶ୍ୱାସନାର ବିଷୟ ।

ଗୋପୀନାଥ ଏହି ଅବସୋସର ଶିକାର ହୋଇଛନ୍ତି ଆପଣା ପ୍ରତିଭାର ତୁଙ୍ଗତା, ବିଷୟର ବିବିଧତା, ବିଶ୍ୱଦୃଷ୍ଟି ସର୍ବୋପରି ଗମ୍ଭୀର ଦାର୍ଶନିକତା ପ୍ରୟୋଗ ଯୋଗୁଁ । ସେ 'ପପୁଲାର ସାହିତ୍ୟ' ସୃଷ୍ଟି କରିନାହାନ୍ତି; ତାଙ୍କ ବହି 'ବେଷ୍ଟ ସେଲର୍' ନୁହେଁ, ମାତ୍ର ସେ ଜଣେ କ୍ଲାସିକ୍ ସ୍ରଷ୍ଟା ।

'ଦାନାପାଣି'ର ନାୟକଠାରେ ମାନସିକତାର ଏହି ବୈକଲ୍ୟ କାହିଁକି ? ଉଦଗ୍ର ଲୋଭ କାହିଁକି ? କାହିଁକି ଧୂର୍ତ୍ତତା ? ତା'ର ଖର୍ବତ୍ୱ-କୁରୂପତା-ବଂଶାଭିଜାତ୍ୟହୀନତା-ଶୈଶବର ନିଗ୍ରହ ଓ ଦାରିଦ୍ର୍ୟ କେଉଁଟି ବା କେଉଁଗୁଡ଼ିକ ଏହାର ନେପଥ୍ୟ ପ୍ରେରଣା ? ଏଥିରେ କ'ଣ ଆପେ ଧନୀ ହୋଇ ଆପଣା ଦାରିଦ୍ର୍ୟ ଉପରେ ବିଜୟପ୍ରାପ୍ତ ହେବା, ଆପେ କ୍ଷମତାଶାଳୀ ହୋଇ ଆପଣାର ନିଗ୍ରହ ଉପରେ ପ୍ରଭୁତ୍ୱ ଲଭିବା, ଆପେ ଉଚ୍ଚପଦବୀରେ ରହି ଆପଣା ଖର୍ବତ୍ୱ ଉପରେ ପ୍ରତିଶୋଧ ନେବା, ଆପେ ପ୍ରଭୁ ହୋଇ ଆପଣାର ଦୀନ ଭୃତ୍ୟପଣ ଉପରେ ଆବରଣ ଦେବାର ଗୋପନ ଓ ଉତ୍ପୀଡ଼କ ଅଭୀପ୍ସା କ୍ରିୟାଶୀଳ ? ହୁଏତ ହୋଇପାରେ ।

ଯଦି ହୋଇପାରେ ତା'ହେଲେ ପରିବାର ବୋଝରେ ଅବନତ ଏକଣ୍ଟ ରାଓ କାହିଁକି ସେମିତି ହୁଏ ନାହିଁ ? କାହିଁକି ନାୟକର ଫିସାଦରେ ବଳିପଡ଼ି ସୁଦ୍ଧା ରାଜ କାହିଁକି କନ୍‌ଷ୍ଟେବଳ ଚାକିରିରେ ତଥାପି ସୁଖୀ ଥାଏ ? ନନ୍ଦ କାହିଁକି ବୈରାଗୀ ହୋଇଯାଏ ? ବନୁ କାହିଁକି ସ୍ୱାଧୀନ ବ୍ୟବସାୟ କରେ ?

ତା'ହେଲେ ନାୟକ କ'ଣ ଭାଗ୍ୟବାଦୀ ନୁହେଁ; ଭାବବାଦୀ ନୁହେଁ, କେବଳ ଉଦ୍ଦେଶ୍ୟବାଦୀ ? ବୃତ୍ତିନିଷ୍ଠା, ବ୍ୟକ୍ତିତ୍ୱ ପ୍ରତିଷ୍ଠା, ସୁସ୍ଥିର ଜୀବନ, ପତ୍ନୀର ଅନୁରାଗ ଲାଭ ଇତ୍ୟାଦି କ'ଣ ଉଚିତ ଉଦ୍ଦେଶ୍ୟ ହେବା କଥା ନୁହେଁ ?

ହୁଏତ ଏଇଠି ଆମେ ପୂର୍ବ ପ୍ରଶ୍ନମାନଙ୍କର ଉତ୍ତର ଗୋଟିଏ ସିଦ୍ଧାନ୍ତରେ ପାଇପାରିବା ଯେ ବିଶ୍ୱଯୁଦ୍ଧୋତ୍ତର ସମାଜ-ମଣିଷ ଦୃଷ୍ଟିରେ ମଣିଷର ଉନ୍ନତି ବିଧାନ ପାଇଁ କର୍ମ କହିଲେ, ଫନ୍ଦିଫିସାଦ-ଚାଲାକି-ସ୍ତବସ୍ତୁତି ଉପରିସ୍ଥଙ୍କ ପାଇଁ ଓ ଗାଳିଫଜିତ-ନାଲିଆଖି ଅଧସ୍ତନମାନଙ୍କ ପାଇଁ ଏକ ଏକ ଆୟୁଧ ।

ଏହାକୁ ମଧ୍ୟ ସ୍ୱୀକାର କରିନେଲେ ତଥାପି ପ୍ରଶ୍ନଉଠେ ଯେ ବନୁ, ଏକଣ୍ଟ ରାଓ, ନନ୍ଦ ପ୍ରମୁଖ କ'ଣ ବିଶ୍ୱଯୁଦ୍ଧୋତ୍ତର ମଣିଷ ନୁହନ୍ତି ? ଯଦି ସେମାନେ ବିଶ୍ୱଯୁଦ୍ଧୋତ୍ତର କାଳର ମଣିଷ ହୋଇ ସୁଦ୍ଧା ଚେତନାରେ ମାନବୀୟ ଆଦର୍ଶ ବହନ କରିପାରନ୍ତି, ତା'ହେଲେ ବଳିଦତ୍ତ କ'ଣ ବିଶ୍ୱଯୁଦ୍ଧୋତ୍ତର ମଣିଷର କେବଳ ପ୍ରତୀକଟିଏ / ମାର୍କାଟିଏ / ମଡ଼େଲଟିଏ ? ଅତଏବ ସେ ତାହାର ପ୍ରତିନିଧି ନୁହେଁ; କେବଳ ସୂଚନା, ଶକୁନ, ସମ୍ଭାବନା !

ଏ ସଂକ୍ରାନ୍ତରେ ଅବଶିଷ୍ଟ ଓ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନଟି ହେଉଛି 'ଦାନାପାଣି' ଉପନ୍ୟାସର କଥାବସ୍ତୁ -ସମସ୍ୟା ଓ ସମସ୍ୟାକୁ ଅତିକ୍ରମ କରିବାର ରୀତି ଉପନ୍ୟାସ ରଚନାକାଳୀନ (୧୯୫୫) ସମାଜର ପ୍ରତିଛବି ନୁହେଁ; ଏକ ଭବିଷ୍ୟକାଳ ସମାଜର ଦାନାପାଣି ସଂଗ୍ରାମଚିତ୍ରର ସମ୍ଭାବନା ଗର୍ଭିତ କଳାକୃତି ?

ଏବଂ ଅନିବାର୍ଯ୍ୟ ଉତ୍ତର ହେଉଛି - 'ଦାନାପାଣି' ଉପନ୍ୟାସ ଯେଉଁ ସମୟରେ ରଚିତ ତାହା ସେହି ସମୟର ଦାପ୍ତରିକ ଜୀବନର ସତ୍ୟଶୀଳ ଚିତ୍ର ନୁହେଁ; ସେହି ସମୟଠାରୁ ଚଉଠ ଶତାବ୍ଦୀ ଆଗକୁ ଥିବା ସମୟର